## ବାଗ୍‌ଦେବୀଙ୍କୁ ଆବାହନ



ନବରଙ୍ଗପୁର ଜିଲା ଡାବୁଗାଁ।



କୋରାପୁଟ ଜିଲା ଦାମନଯୋଡ଼ି ସରସ୍ୱତୀ ବିହାର।



କୋରାପୁଟ ବିଏସ୍‌ସି ଓ ଜିଏନ୍‌ଏମ୍ ନର୍ସିଂ କଲେଜ।



ମାଲକାନଗିରି

# ସରକାରୀ ଚାଉଳ ନଫେରାଇବାରୁ ପୁଣି ଏକ ରାଇସ୍ ମିଲ୍‌ରେ ତାଲା

**ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)**

ସରକାରୀ ଚାଉଳ ନ ଫେରାଇବାରୁ ନବରଙ୍ଗପୁର ଜିଲାର ଏକ ରାଇସ ମିଲରେ ତାଲା ପଡ଼ିଛି। ବୁଧବାର ନବରଙ୍ଗପୁର ସଦର ବ୍ଲକ ଅଧୀନ ନୂଆଗୁଡ଼ାସ୍ଥିତ ଶ୍ରୀ ଶୁଭମ ରାଇସ ମିଲକୁ ସିଲ୍ କରାଯାଇଛି। ଶୁଭମ ରାଇସ କଷ୍ଟମ ମିଲିଂ ପାଇଁ ନେଇଥିବା ଧାନ ବାବଦକୁ ପ୍ରଶାସନକୁ ୨୮, ୯୦୭.୯୧ କୁଇଣ୍ଟାଲ ଚାଉଳ ଫେରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ନିର୍ଦ୍ଧାରିତ ସମୟକୁ ଦେଢ଼ ମାସ ବିତିଯାଇଥିଲେ ସୁଦ୍ଧା ୭, ୯୭୭.୮୭କୁଇଣ୍ଟାଲ ଚାଉଳ ଫେରାଇ ନଥିବାରୁ ମିଲ୍‌କୁ ସିଲ୍ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ସହାୟକ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପ୍ରଧାନ, ମିଳନ ମାଝି, ଯୋଗାଣ ନିରୀକ୍ଷକ ରାଜେଶ ଶବର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ମଧ ନବରଙ୍ଗପୁର ସହରରେ ଗୋଟିଏ ମିଲ୍‌କୁ କରାଯାଇଛି।

# ଚାଷୀ ସଙ୍ଗଠନର ୧୭, ୧୦୦ ମେଟ୍ରିକ ଟନ୍ ମକା ବ୍ୟବସାୟ

**ଉମରକୋଟ, ୧୪।୨(ସନ୍ତୋଷ ଶତପଥୀ)**

## ଓର୍ମାସର ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକ୍ରମ



ଅତିଥିଙ୍କ ଗହଣରେ ସହାୟତା ପାଇଥିବା ମକା ଚାଷୀ।

ମୁଖ୍ୟମନ୍ତ୍ରୀ ମକା ମିଶନକୁ ନେଇ ଓରମାସ ପକ୍ଷରୁ ଗଠିତ ଭସ୍କେଲ ଚିରସ୍ରୋତା ଏଫ୍‌ପିଓ ପକ୍ଷରୁ ବାର୍ଷିକ ଅଧିବେଶନ ଉମରକୋଟ ଆରଏମସି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ଜୟପୁର କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପସ ନିର୍ଦ୍ଦେଶକ ରମା ରାଉଳ, ଓବିସି ଓ ଏଫ୍‌ଡିସିସି ଅଧ୍ୟକ୍ଷ ରାମଚନ୍ଦ୍ର ବିଷୋୟୀ, ଲ୍ୟାମ୍ପସ ସଂଘ ନିର୍ଦ୍ଦେଶକ ଭୀମ ହରିଜନ, ବିଜୁ ବିକେବିକେ ଯୋଜନା ଉପଦେଷ୍ଟା ଶୁକଦେବ ଗଣ୍ଡ, କେସିସି ନିର୍ଦ୍ଦେଶକ ଶ୍ୟାମଲାଲ ବଞ୍ଜାରା, ଆତ୍ମା ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା, ଆମ ଓଡ଼ିଶା ନବିନ ଓଡ଼ିଶା ନବରଙ୍ଗପୁର ଜିଲା ସଂଯୋଜିକା ମଞ୍ଜୁଳା ମାଝି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ମକା ମିଶନର ଆଭିମୁଖ୍ୟ, ସଙ୍ଗଠନ ଦାୟିତ୍ୱ, ପରିଚାଳିତ ଏବଂ ଚାଷୀଙ୍କ ହିତ ପାଇଁ ସରକାର କରୁଥିବା ଯୋଜନାର ରୂପାୟନ ପାଇଁ କୃଷି ଉତ୍ପାଦନକାରୀ ସଂଗଠନ ଗଠନ କରାଯାଇଛି। ମହିଳାମାନେ ବ୍ୟବସାୟ କରି କିଭଳି ସ୍ୱାବଲମ୍ବୀ ହେବେ ସେ ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଅତିଥିମାନେ କହିଛନ୍ତି। କୃଷି ଋଣ ସମେତ ଅବର୍ତ୍ତନ ପାଣ୍ଠି ମଧ୍ୟ ପ୍ରଦାନ କରାଯାଉଛି। ଏହାର ଉପଯୋଗ କରି ଆର୍ଥିକ କ୍ଷେତ୍ରରେ ସଂଗଠନଗୁଡ଼ିକ ଦୃଢ଼ୀଭୂତ ହେବାକୁ ଈଶ୍ୱର ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। କୃଷି ଉତ୍ପାଦନକାରୀ ସଙ୍ଗଠନକୁ ଓରମାସ ତାଲିମ, ମକା କିଣିବା ପରେ ଏହାର ବିକ୍ରୀ ସମେତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ବୋଲି ଓରମାସ ଡେପୁଟି ସିଇଓ ଏ.ଉମା ମହେଶ କହିଥିଲେ। ଅନ୍ୟପଟେ ଚଳିତ ଖରିଫ ଋତୁରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୧୪ଟି ଚାଷୀ ସଙ୍ଗଠନ ୧୭, ୧୦୦ ମେଟ୍ରିକ ଟନ ମକା ବ୍ୟବସାୟ କରିଛନ୍ତି ଯାହାର ଆନୁମାନିକ ମୂଲ୍ୟ ୩୬ କୋଟି ଟଙ୍କା ହେବ ବୋଲି ଓରମାସ ସିଇଓ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏମବିକେ ମହିଳାମାନଙ୍କୁ କେସିସି ବ୍ୟାଙ୍କ ପକ୍ଷରୁ ୯ଟି ସ୍କୁଟି ବିନା ସୁଧରେ ପ୍ରଦାନ କରାଯାଇଛି। ଏବଂ ମକା ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ୫ଜଣ ମକା ଚାଷୀଙ୍କୁ କେସିସି ବ୍ୟାଙ୍କ ପକ୍ଷରୁ ୨୦ ହଜାର ଟଙ୍କା ଲେଖାଏ ଋଣ ବିନା ସୁଧ ରେ ଦିଆଯାଇଛି। ୧୪୭୬ ଜଣ ମହିଳା ଅଂଶ ଧନ ରାଶି ଜମା କରିଥିଲେ। ମୋଟ ଅଂଶ ଧନ ରାଶି ୪,୪୨,୮୦୦ ଟଙ୍କା ହେବ ବୋଲି ସୂଚନା ମିଳିଛି।

# ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ

**ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)**

## ମାସକ ମଧ୍ୟରେ ଦ୍ୱିତୀୟ ଘଟଣା



ସିସିଟିଭି ଫୁଟେଜରେ କଏଦ ହୋଇଥିବା ଦୁର୍ବୃତ୍ତ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ହନୁମାନ ମନ୍ଦିର ନିକଟ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଲୁଟ ଉଦ୍ୟମ ପଣ୍ଡ ହୋଇଛି। ଏନେଇ ଚନ୍ଦାହାଣ୍ଡି ଥାନା ରେ ୪୦/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ଛତିଶଗଡ଼-ପୂଜାରିଗୁଡ଼ା ରାସ୍ତା ଦେଇ ଏକ ନୀଳରଙ୍ଗ କାର୍‌ରେ ୩ ଜଣ ଲୁଟେରା ଆସିଥିଲେ। ହାତରେ ଗ୍ଲୋବ୍ସ ଓ ମୁଖା ପିନ୍ଧି ସେମାନେ ଏଟିଏମ୍ ଭିତରକୁ ପ୍ରବେଶ କରିଥିଲେ। ଏହାପୂର୍ବରୁ ନିକଟରେ ଥିବା ଖୁସି କ୍ଲଥ ସେଣ୍ଟରରେ ଲାଗିଥିବା ସିସି କ୍ୟାମେରାକୁ ସେମାନେ ବୁଲାଇ ଦେଇଥିଲେ। ରାତି ୧ଟା ୫୮ରେ କଟର ସାହାଯ୍ୟରେ ଏଟିଏମ୍ ସଟର ତାଲା କଟୁଥିଲେ। ଏଟିଏମ୍ ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଘରୋଇ ବସ୍ ଡ୍ରାଇଭର ଓ କର୍ମଚାରୀ କୌଣସି କାରଣରୁ ଉଠିଥିଲେ। ସେମାନଙ୍କୁ ଦେଖି ଦୁର୍ବୃତ୍ତମାନେ ପୁଣି ଛତିଶଗଡ଼ ଆଡକୁ ଆଣିଥିବା କାର୍‌ରେ ଚାଲିଯାଇଥିବା ସୂଚନା ମିଳିଛି। ଖବରପାଇ ଚନ୍ଦାହାଣ୍ଡି ଥାନାଧିକାରୀ ପ୍ରଶାନ୍ତ କଲାରସ ଘଟଣାସ୍ଥଳରେ ନିଜ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ଏଟିଏମ୍ ପ୍ରତିଦିନ ରାତି ୯ଟାରେ ତାଲା ପଡ଼ିବା ସହ ସକାଳ ୭ଟାରେ ଖୋଲାଯାଉଛି। ଏଟିଏମ୍‌ରେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଲୁଟେରା ଏହିଭଳି ସାହସ କରିଛନ୍ତି। ପୂର୍ବରୁ ଜାନୁଆରୀ ୩୧ ବିଳମ୍ବିତ ରାତିରେ ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ ଗ୍ୟାସ୍ କଟରରେ କାଟି ୧୯ ଲକ୍ଷ ୫୦ ହଜାର ଲୁଟ କରାଯାଇଛି। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଡାବୁଗାଁ ନିକଟ ଜଙ୍ଗଲରୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛତିଶଗଡ଼ ଓ ଅନ୍ୟ ୪ ଜଣ ହରିୟାଣାର ଥିଲେ। ସେମାନଙ୍କଠାରୁ ପୋଲିସ ୧୫ ଲକ୍ଷ ୯୭ ହଜାର ୨ ଶହ ଟଙ୍କା ଓ ଗୋଟିଏ ଧଳା ରଙ୍ଗର କାର୍ ଜବତ କରିଥିଲା।

# ଶତାଧିକ ପ୍ରକଳ୍ପ ଟେଣ୍ଡରକୁ ଠିକାଦାରଙ୍କ ବିରୋଧ

**ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଆଇଟିଡିଏ ପକ୍ଷରୁ କୋଟି କୋଟି ଟଙ୍କାର ୪ଟି ପ୍ୟାକେଜ ତଥା ୧୫୫ ପ୍ରକଳ୍ପ ଟେଣ୍ଡରକୁ ଠିକାଦାରମାନେ ବିରୋଧକରି ଜିଲାପାଳଙ୍କୁ ଭେଟିଛନ୍ତି। ଜିଲାର ୧୫୩ଟି ଦେଢ କୋଟି ଲେଖାର ୫୦ ଶଯ୍ୟା ବିଶିଷ୍ଟ ପ୍ରାଥମିକ ହଷ୍ଟେଲ ନିର୍ମାଣ ଓ ୩ କୋଟି ଲେଖାଏ ଟଙ୍କାର ୨ଟି ୧୦୦ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ନବରଙ୍ଗପୁର ଆଇଟିଡିଏ ପକ୍ଷରୁ ୪ଟି ପ୍ୟାକେଜ ଟେଣ୍ଡର ଆହ୍ୱାନ କରାଯାଇଛି। ୪ଟି ପ୍ୟାକେଜରେ ଏକାଥରକେ ପ୍ରାୟ ୨୩୦କୋଟି ଟଙ୍କାର ୧୫୩ ପ୍ରକଳ୍ପ ପାଇଁ ବଡବଡ ଠିକାଦାର ଭାଗ

ନେବାର ସୁଯୋଗ ପାଇବେ। କିନ୍ତୁ ନବରଙ୍ଗପୁର ଜିଲା ଭଳି ପଛୁଆ ଜିଲାର ଶିକ୍ଷିତ ଆଦିବାସୀ ଓ ସାଧାରଣବର୍ଗର ଲାଇସେନ୍ସପ୍ରାପ୍ତ ଛୋଟ ମୋଟ ଠିକାଦାର ବଞ୍ଚିତ ହେବେ। ତେଣୁ ଶତାଧିକ ହଷ୍ଟେଲକୁ ହାତଗଣତି ଠିକାଦାରଙ୍କୁ ଟେକିଦେବାକୁ ବିଭାଗ ଯୋଜନା କରିଛି। ଏଥିରୁ ଛୋଟ ଛୋଟ ଠିକାଦାର ବଞ୍ଚିତ ହେବେ। ତେଣୁ ଜିଲାରେ ଥିବା ଛୋଟ ଠିକାଦାରଙ୍କ ସ୍ୱାର୍ଥ ପାଇଁ ପ୍ୟାକେଜ୍ ଟେଣ୍ଡର ବାତିଲ କରି ପୁନର୍ବାର ଟେଣ୍ଡର କରି ଶତାଧିକ ପ୍ରକଳ୍ପକୁ ଭାଗକରି ପୁଣି ଥରେ ଟେଣ୍ଡର ଆହ୍ୱାନ କରିବାକୁ ଠିକାଦାରମାନେ ଦାବି କରିଛନ୍ତି। ଏନେଇ ଜିଲାପାଳ ବିଭାଗ ସହ ଆଲୋଚନାକରି ପଦକ୍ଷେପ ଗ୍ରହଣ କରିବେ ବୋଲି ଠିକାଦାରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସେଭଳି ନବରଙ୍ଗପୁର ପିଆଇଟିଏ ପ୍ରଶାସନିକ ଅଧିକାରୀ ରାଜୀବ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଅନେକ ପ୍ରକଳ୍ପ ବର୍ଷ ବର୍ଷ ଧରି ଅଧାପନ୍ତରିଆ ରହୁଛି। ତେଣୁ ଶତାଧିକ ଠିକାଦାରଙ୍କୁ ନେଇ ନିର୍ମାଣ କାମ ତଦାରଖ କରିବା ଲାଗି ବିଭାଗ ନିକଟରେ ମାନବ ସମ୍ବଳର ଅଭାବ ରହୁଛି। ତେଣୁ କମ୍ ସଂଖ୍ୟକ ଠିକାଦାରଙ୍କୁ ନେଇ ବିଭାଗ ନିର୍ମାଣ କାମରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ କରିଛି । କିନ୍ତୁ ଛୋଟ ଠିକାଦାରଙ୍କ ପାଇଁ ଆବଶ୍ୟକ ପଡିଲେ ପ୍ୟାକେଜକୁ ଭାଗ ଭାଗ କରି ପୁଣି ଥରେ ଟେଣ୍ଡର ଆହ୍ୱାନ ପାଇଁ ଜିଲା ପ୍ରଶାସନ ବିଚାର କରୁଛି ବୋଲି ସାହୁ କହିଛନ୍ତି।

# ମା’ ବାପାଙ୍କୁ ପୂଜାକଲେ ଛାତ୍ରୀଛାତ୍ର



ପିଲାମାନେ ମା’ ବାପାଙ୍କୁ ପୂଜା କରୁଛନ୍ତି।

**ଉମରକୋଟ, ୧୪।୨ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଚିକିଲପଦରସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟରେ ବୁଧବାର ମାତୃପିତୃ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ନିଜ ମା’ ବାପାଙ୍କ ସହ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସନସାଇ ସାନ୍ତା ବାର୍ଷିକ ବିବରଣୀ ପାଠ ସହ ସ୍ୱାଗତ ଭାଷଣଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ନବରଙ୍ଗପୁର ଜିଲାପାଳ ଡ଼.କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଦକ୍ଷିଣ ପଶ୍ଚିମ ସମ୍ଭାଗ ସଂଯୋଜକ ସନତ ଯୋଗୀ, ଶିକ୍ଷା ବିକାଶ ସଂସ୍ଥାନର ଜିଲା ମୁଖ୍ୟ ରବୀନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷକ ଡ଼.ପ୍ରଦୀପ କୁମାର ମିଶ୍ର, ବିଦ୍ୟାଳୟ ସମ୍ପାଦିକା ଦୀପିକା ଅଧିକାରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ମା’ ବାପାଙ୍କୁ ପୂଜା କରିବା ପରମ୍ପରା ବହୁତ ନିଆରା। ଏହା ଭାରତୀୟ ସଂସ୍କୃତିକୁ ମନେ ପକାଇ ଦେଉଛି ବୋଲି ଜିଲାପାଳ କହିଛନ୍ତି। ଛାତ୍ରୀଛାତ୍ର ମା ବାପାଙ୍କୁ ପୂଜା କରିବା ସହ ପ୍ରଣାମ କରିଥିଲେ। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଡ଼. ପ୍ରଦୀପ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା କାର୍ତ୍ତିକ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ସରିଲା ବ୍ଲକ୍‌ସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ

**ତେନ୍ତୁଳିଖୁଣ୍ଟି, ୧୪।୨(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ନୋଡାଲ ବାପୁଜି ଉଚ୍ଚ ବିଦ୍ୟାଳୟରେ ୧୨ ତାରିଖରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନି, ଜିଲା ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ସାହୁ, ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଏଡିଏମ୍ ନବୀନ ନାୟକ, ଚେୟାରମ୍ୟାନ ନିଳନ୍ଦ୍ରୀ ନାୟକ, ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ସଦସ୍ୟ ଖଗପତି ଯାନୀ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ନବରଙ୍ଗପୁର ଜିଲାପାଳ ଡ କମଲୋଚନ ମିଶ୍ର କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କ୍ରିକେଟ, ଫୁଟବଲ, କବାଡି, ଭଲିବଲ ପ୍ରତିଯୋଗିତାରେ ଆଦିବାସୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ରିକେଟରେ ଲମତାଗୁଡ଼ା, ଫୁଟବଲ୍‌ରେ ଅଞ୍ଚଳଗୁମା, କବାଡିରେ ପୂଜାରୀଗୁଡା ବିଜୟୀ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସେମାନଙ୍କୁ ପୁରସ୍କୃତ କରିଛନ୍ତି।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# କୋଡ଼ିଙ୍ଗା ଏକାଦଶ ଚାମ୍ପିୟନ

## ରାଜାଚାଉଁରିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**କୋଡ଼ିଙ୍ଗା,୧୪।୨(ସମରେନ୍ଦ୍ର ପଟ୍ଟନାୟକ)**




ଟ୍ରଫି ସହ ଚାମ୍ପିୟନ ଦଳ ଖେଳାଳିମାନେ।

କୋଷାଗୁମୁଡ଼ା ବ୍ଲକ ସଦର କୋଡିଙ୍ଗା ପଞ୍ଚାୟତ ଜାହାଜଭଟ୍ଟା ଷ୍ଟାଡିୟମରେ ରବିବାର ରାଜା ଚାଉଁରିଆ ଅନ୍ତଃ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କୋଡ଼ିଙ୍ଗା ଏକାଦଶ ଓ ଆର୍.କେ. ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ କୋଡ଼ିଙ୍ଗା ଦଳ ବିଜୟୀ ହୋଇଛି। ବିଜୟୀ ଦଳକୁ ଟ୍ରଫି ସହ ୩୦ ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରାଯାଇଛି । ଉଦ୍‌ଯାପନୀ ଉତ୍ସବରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ସମିତି ସଭ୍ୟ କେମରାଜ ଦିଶାରୀ, ଯୁବନେତା ସୁରେଶ ମାଝି, ନାଏବ ସରପଞ୍ଚ ଉଦ୍ଧବ ଭତ୍ରା, ସାମାଜିକ କର୍ମୀ ସାହେବ ଚଲାଣ, ଧନସିଂ ମାଝି, ସମରେନ୍ଦ୍ର ପଟ୍ଟନାୟକ, ତ୍ରିଲୋଚନ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜାହାଜଭଟା ସ୍ପୋର୍ଟିଂ କ୍ଲବ ଜିତେନ୍ଦ୍ର ମେହେତା, ଉତ୍ପନ ଟାକ୍ରି, ମହାଦେବ ନାୟକ, ନରସିଂହ ହରିଜନ, ଟଙ୍କଧର ହରିଜନ ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରୁଥିଲେ। ପ୍ରକାଶ ଯେ, ଗତ ଜାନୁଆରୀ୨୧ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୩୨ଟି ଦଳ ଭାଗ ନେଇଥିଲେ। ସେମିଫାଇନାଲରେ ରସିଆଗୁଡ଼ାକୁ ହରାଇ କୋଡିଙ୍ଗା ଏକାଦଶ ଓ ଡାବୁଗାଁ ଦଳକୁ ପରାସ୍ତ କରି ଆର୍.କେ. ଏକାଦଶ ଫାଇନାଲରେ ପ୍ରବେଶ କରିଥିଲେ।

# ଖେଳିବା ବୟସରେ ୨ ଭଉଣୀଙ୍କୁ ବଞ୍ଚିବା ଚିନ୍ତା

**କୋଡ଼ିଙ୍ଗା,୧୪।୨(ସମରେନ୍ଦ୍ର ପଟ୍ଟନାୟକ)**

- ଦୁର୍ଘଟଣାରେ ଚାଲିଯାଇଛନ୍ତି ମା’ ବାପା, ଭାଇ
- ସହାୟତା, ଥଇଥାନ କରିବାକୁ ନିବେଦନ



ଖେଳି ଖାଇବା ବୟସରେ ଖାଇବା ବଞ୍ଚିବା ଚିନ୍ତା ଘାରିଛି ୨ କୋମଳମତି ଝିଅଙ୍କୁ। ଏକ ଦୁର୍ଘଟଣାରେ ମା’ ବାପା ଓ ସାନ ଭାଇ ଚାଲିଗଲେ। ପରିବାର କ’ଣ ଠିକ୍‌ଭାବେ ଜାଣି ନ ଥିବା ପିଲାମାନେ ଏବେ ଅସହାୟ। ସେବେଠାରୁ କିପରି ପଢ଼ିବେ, ଖାଇବେ ଓ ବଞ୍ଚିବେ ସେ ଚିନ୍ତାରେ ଅଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଟେମରା ପଞ୍ଚାୟତର ଚୂରାହାଣ୍ଡି ଗ୍ରାମ ମାଳିସାହିର ରୀନା ମାଳି (୧୦) ଓ ବେଳମତି ମାଳି(୬)।

ପ୍ରାୟ ମାସକ ପୂର୍ବେ ବାପା ଶୁକସେନ, ମାଁ ଚଞ୍ଚଳା ଓ ସାନଭାଇ ଲକେଶ୍ୱର ଏକ ବାଇକ୍‌ରେ ଯାଉଥିବାବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ କୋରାପୁଟ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ଚଞ୍ଚଳା ଓ ଲକେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଶୁକସେନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ମେଡିକାଲରୁ ବିଶାଖାପାଟଣା ନିଆଯାଇଥିଲା। ଚିକିତ୍ସା କରାଇବା ସମୟରେ ସ୍ୱାସ୍ଥ୍ୟକାର୍ଡର ଟଙ୍କା ସରିଯିବା ପରେ ଶୁକସେନଙ୍କ ବଡ଼ ଭାଇ ପୂର୍ଣ୍ଣ ଧାରକରଜ କରିବା ସହ ଜମି ବନ୍ଧକ ରଖି ଅର୍ଥ ଯୋଗାଡ କରିଥିଲେ । ଉକ୍ତ ଟଙ୍କାରେ ଚିକିତ୍ସା ଚାଲିଥିବାବେଳେ ଦୀର୍ଘ ୧୯ଦିନ ପରେ କିନ୍ତୁ ଶୁକସେନଙ୍କର ମୃତ୍ୟୁ ହୋଇଥିଲା। ସେବେଠାରୁ ରୀନା ଓ ବେଳମତି ପରସ୍ପର ମୁହଁକୁ ଚାହିଁ ବଞ୍ଚୁଛନ୍ତି। ଚୂରାହାଣ୍ଡି ପ୍ରାଥମିକ ବିଦ୍ୟାଳୟରେ ରୀନା ପଞ୍ଚମ ଓ ବେଳମତି ପ୍ରଥମ ଶ୍ରେଣୀରେ ପଢୁଛନ୍ତି। ସରକାରୀ ସହାୟତା କହିଲେ ମାସକୁ ୧୦କିଲୋ ଚାଉଳ ଯୋଗାଇ ଦିଆଯାଉଛି। ବାପା ମା ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର କାମ ଆରମ୍ଭ କରିଥିଲେ। ତାହାକୁ କିନ୍ତୁ ଶେଷ କରିପାରିନାହାନ୍ତି। ସେହି ଅଧା ତିଆରି ଘରେ ୨ ଭଉଣୀ ରହୁଛନ୍ତି। ବଡବାପା ପୂର୍ଣ୍ଣଙ୍କ ଘରୁ ଖାଇବା ଆସିଲେ ଉଭୟ ତାହାକୁ ଖାଇଥାଆନ୍ତି। ପୂର୍ଣ୍ଣ ମଧ୍ୟ କୁଲି ମଜୁରି କରି ନିଜ ପରିବାରକୁ ଚଳାନ୍ତି। ଏବେ କେମିତି ରୀନା ଓ ବେଳମତିଙ୍କ ଭବିଷ୍ୟତ ଗଢ଼ିବେ ସେ ଚିନ୍ତାରେ ପୂର୍ଣ୍ଣ। ଜିଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇବା ସହ ଥଇଥାନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଲାଇନ ମ୍ୟାନ ଗୁରୁତର

ଗୁଣପୁର,(ପ୍ରଦୀପ କୁମାର ପାଢ଼ୀ )- ଗୁଣପୁର ସହର ପୁରୁଣା ଫାୟାର ଷ୍ଟେଶନ ତଥା ଜେଲପେଟା ନିକଟ ସବ୍ ଷ୍ଟେଶନରେ ସନ୍ଧ୍ୟାରେ ମରାମତି କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଲାଇନ ମ୍ୟାନ ଗୁରୁତର ହୋଇଛନ୍ତି। ଆହତ ଲାଇନମ୍ୟାନ ପବିତ୍ର ଶବରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ବିଶାଖାପାଟଣାକ ସ୍ଥାନାନ୍ତର କରାଯାଇଛି। ସେ ବର୍ତ୍ତମାନ ଆଇସିୟୁରେ ଥିବା ଜଣାପଡିଛି। ତାଙ୍କ ଘର ଗୁଡାରି ବ୍ଲକ ଅଧିନ ବେଣ୍ଟଗୁଡାର ହୋଇଥିବାବେଳେ ସେ ଗୁଣପୁରରେ ରହୁଥିଲେ।



## ନୂଆ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ରାୟଗଡ଼ା,୧୪।୨(ଆଶିଷ ରଞ୍ଜନ ପଣ୍ଡା)



ଦୀର୍ଘ ଦିନର ବ୍ୟବଧାନ ପରେ ରାୟଗଡ଼ା ବନଖଣ୍ଡରେ ବୁଧବାର ଯୋଗଦେଲେ ନୂତନ ବନଖଣ୍ଡ ଅଧିକାରୀ ଓହୋଲ ସଚିନ୍ ଆନ୍ନାସାହେବ। ସେ ୨୦୨୧ ବ୍ୟାଚର ଆଇଏଫଏସ୍ । ରାୟଗଡ଼ା ବନଖଣ୍ଡର ଅତିରିକ୍ତ ଦାୟିତ୍ୱରେ ଥିବା ଗଜପତି ବନଖଣ୍ଡର ଡିଏଫ୍ଓ ଏସ୍.ଆନନ୍ଦଙ୍କଠାରୁ ସଚିନ୍ ଆନ୍ନାସାହେବ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ରାୟଗଡ଼ା ପୂର୍ବରୁ ସଚିନ୍ ଅନୁଗୁଳଠାରେ ଏସିଏଫ୍ ଭାବେ କାର୍ଯ୍ୟକରୁଥିଲେ । ପ୍ରକାଶ ଥାଉକି, ୨୦୨୩ ଅଗଷ୍ଟ ୨୪ରେ ଭିଜିଲାନ୍ସ ଟିମ୍ ତତ୍କାଳିନ ବନଖଣ୍ଡ ଅଧିକାରୀ ବିଜୟ କୁମାର ପରିଡ଼ାଙ୍କ ସରକାରୀ ବାସଭବନରେ ଚଢ଼ାଉ କରି ୨୫ରେ ତାଙ୍କୁ ଗିରଫ କରିଥିଲା। ସେବେଠାରୁ ରାୟଗଡ଼ା ବନଖଣ୍ଡ ଅଧିକାରୀ ପଦବୀ ଖାଲି ପଡ଼ିଥିଲା।

# ଗହମ ନାହିଁ, ଜିଲାରେ ଛତୁଆ ଯୋଗାଣ ବନ୍ଦ

ରାୟଗଡ଼ା,୧୪।୨ (ଭାଗ୍ୟଶ୍ରୀ ମିଶ୍ର)

- ୩ ମାସ ହେଲା ପୁଷ୍ଟିଯୁକ୍ତ ଖାଦ୍ୟରୁ ବଞ୍ଚିତ ଶିଶୁ ଓ ଗର୍ଭବତୀ
- ଅପପୁଷ୍ଟିର ଶିକାର ହେଉଛନ୍ତି ଶିଶୁ

ରାଜ୍ୟରେ ପୁଷ୍ଟିହୀନତା ଦୂର କରିବାକୁ ପ୍ରତ୍ୟକ ଅଙ୍ଗନୱାଡ଼ି କେନ୍ଦ୍ରରେ କୋମଳମତି ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସହ କିଶୋରୀ ବାଳିକା ପ୍ରମୁଖଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଉଛି। ସରକାରଙ୍କ ପକ୍ଷରୁ ଛତୁଆ, ବାଦାମ ଲଡୁ, ସୁଜି ଓ ଅଣ୍ଡା ଆଦି ମାଗଣାରେ ଦେବାର ବ୍ୟବସ୍ଥା ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାରେ ଗହମ ମହଜୁଦ ନ ଥିବାରୁ ଗତ ୩ ମାସ ହେଲାଣି ଜିଲାର ୧୧ଟି ବ୍ଲକରେ ଛତୁଆ ଯୋଗାଣ ବନ୍ଦ ରହିଛି। ଜିଲାରେ ଗହମ ମହଜୁଦ ନ ଥିବା ଦର୍ଶାଇ ବିଭାଗୀୟ ଅଧିକାରୀ ହାତ ବାନ୍ଧି ବସି ରହିଛନ୍ତି । ଫଳରେ ଠିକ୍ ସମୟରେ ପୁଷ୍ଟିକର ଖାଦ୍ୟ ନ ପାଇ ଗ୍ରାମାଞ୍ଚଳର ଗରିବ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ଅଭିଯୋଗ ହୋଇଛି।

ଜିଲାରେ ଛତୁଆ ଯୋଗାଣ ପାଇଁ ୨୦୬୩ କେନ୍ଦ୍ରରେ ୬୧,୭୯୦ ହିତାଧିକାରୀ ରହିଛନ୍ତି। ସେମାନେ ଦୀର୍ଘ ୩ ମାସ ହେଲା ଛତୁଆ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ହେଉଛି । ନଭେମ୍ବର ୨୫ରେ ଶେଷ ଥର ପାଇଁ ଛତୁଆ ଦିଆଯାଇଥିଲା । ପ୍ରତ୍ୟକ ମାସର ପ୍ରଥମ ସପ୍ତାହ ମଧ୍ୟରେ ଛତୁଆ ସହ ଅନ୍ୟ ଖାଦ୍ୟ ସାମଗ୍ରୀ ଦେବାର ବ୍ୟବସ୍ଥା ରହିଛି। ହେଲେ ଅନେକ କେନ୍ଦ୍ର ପକ୍ଷରୁ ଏହା ମିଳୁ ନ ଥିବା ଅଭିଯୋଗ ହୋଇଛି । ଜେକେପୁରର ଜ୍ୟୋତି ବାଗ (୧୭) କହିଛନ୍ତି, ଗୋଟେ ଥର ୧ ପ୍ୟାକେଟ ଛତୁଆ ମିଳିଥିଲା । ଏହା ପରଠୁ ଆଉ କିଛି ମିଳୁନାହିଁ । ଜିଲାରେ ୮୮୮୦ ଗର୍ଭବତୀ ଥିବା ବେଳେ ପ୍ରସୂତି ମହିଳା ସଂଖ୍ୟା ୫୯୦୮ ଏବଂ ୬ ମାସରୁ ୩ ବର୍ଷର ଶିଶୁ ୪୭,୦୦୨ ରହିଛନ୍ତି । ଖାଲି ସେତିକି ନୁହେଁ ୧୫ରୁ ୧୮ ବର୍ଷ ବୟସର କିଶୋରୀଙ୍କ ପାଇଁ ୧୧ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେଥିରେ ଜିଲାର ୧୫,୨୧୧ କିଶୋରୀଙ୍କୁ ରାଶି ଓ ବାଦାମ ମିଶା ଲଡୁ, ଖଜରା, ମୁଢି ଏବଂ ଅଣ୍ଡା ଦେବାର ବ୍ୟବସ୍ଥା ରହିଛି । ହେଲେ ଏହାକୁ ଜିଲାରେ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଜିଲାରେ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଥିବା ଅଭିଯୋଗ ହେଉଛି। ଜିଲାରେ ଅପପୁଷ୍ଟି ଶିକାର ହୋଇଥିବା କମ୍ ଓଜନ୍ ପିଲା ୨୨,୦୦୦ ରହିଥିବା ବେଳେ ଅତି ଅପପୁଷ୍ଟି ୦ ରୁ ୫ ବର୍ଷ ପିଲା ୯୬୩ ଜଣ ରହିଛନ୍ତି । ବାଙ୍ଗରା ଶିଶୁ ୨୮୭୯ ରହିଥିବା ବେଳେ ୫ରୁ ୬ ବର୍ଷ ଭିତରେ ବାଙ୍ଗରା ଶିଶୁ ୮୩୨୦ ରହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଜିଲାରେ ଛତୁଆ ପ୍ରଦାନ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା କହିଛନ୍ତି, ଗହମ ନ ଥିବାରୁ ଅମେ ଛତୁଆ ଦେଇପାରୁ ନ ଥିଲୁ। ଗହମ ଆସିବା ପରେ ଆମେ ଛତୁଆ ବନାଇ ହିତାଧିକାରୀଙ୍କୁ ଦେବୁ । ସମସ୍ତ ହିତାଧିକାରୀ କିପରି ଛତୁଆ ପାଇବେ ଆମେ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।

## ୧୭ ବସ୍‌ରେ ୯୦୦ ଭକ୍ତ ଗଲେ ପୁରୀ



ବସ୍‌କୁ ଅତିଥିମାନେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

ଦୁର୍ଗୀ, ୧୪।୨ (ଶିଶିର କୁମାର ପାତ୍ର)

ଶ୍ରୀମନ୍ଦିର ପରିକ୍ରମା ଦର୍ଶନ ଉପଲକ୍ଷେ ବିଷମକଟକ ବ୍ଲକ ଓ ମୁନିଗୁଡା ବ୍ଲକର ୯୦୦ ଭକ୍ତ ୧୭ଟି ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ଦୁର୍ଗୀ ଗ୍ରାମପଞ୍ଚାୟତର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ସମସ୍ତ ଭକ୍ତ ପୁରୀ ଅଭିମୁଖେ ବାହାରିଥିଲେ। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରତି ୨ଟି ପଞ୍ଚାୟତକୁ ଗୋଟିଏ ବସ୍‌ର ବ୍ୟବସ୍ଥା କରାଯାଇଥିଲା। ପ୍ରତି ବସ୍‌ରେ ବ୍ଲକ ତରଫରୁ ନୋଡାଲ ଅଫିସର ନିଯୁକ୍ତି କରାଯାଇଥିଲା। ଜିଲା ଆରଟିଓ ବିଭାଗ ତରଫରୁ ୨ଟି ବସ୍ ବ୍ୟବସ୍ଥା କରାଯାଇଥିଲା। ଜିଲା ଆରଟିଓ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଷମ କଟକ ବ୍ଲକର ବିଡିଓ ସଦାଶିବ ନାୟକ ପରିଚାଳନା କରିଥିଲେ।

## ସରସ୍ୱତୀ ପୂଜାରେ ଗୁଡ଼ାରି ବିଜ୍ଞାନ କଲେଜରେ ତାଲା




ଗୁଡାରି,୧୪।୨(ପ୍ରମୋଦ କୁମାର ପତି)

ଗୁଡାରି ସହରର ସମସ୍ତ ଶିକ୍ଷା ଅନୁଷ୍ଠାନରେ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଛି। ସରସ୍ୱତୀ ପୂଜା ଦିନ ସହରରେ ଥିବା ବିଜ୍ଞାନ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପଡିଥିଲା। ଏହି କଲେଜରେ କୌଣସି ବିଭାଗରେ ସ୍ଥାୟୀ ଅଧ୍ୟାପକ କିମ୍ବା ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ କଲେଜରେ ପୂଜାର ଆୟୋଜନ କରାଯାଇ ନ ଥିଲା। ଦୀର୍ଘ ୪୦ ବର୍ଷର କଲେଜରେ ପ୍ରଥମ ଥର ପାଇଁ ସରସ୍ୱତୀ ପୂଜା ପାଳନ ହୋଇ ନ ଥିବା ଯୋଗୁ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏହି କଲେଜର ରୂପାନ୍ତରିକରଣ କରିଥିବା ବେଳେ ଏହି କଲେଜରେ ଜଣେ ହେଲେ ସ୍ଥାୟୀ ଅଧ୍ୟାପକ ନ ଥିବାରୁ ଗେଷ୍ଟ ଅଧ୍ୟାପକ, ଅଧ୍ୟାପିକାରେ ଚାଲିଛି ଶିକ୍ଷାଦାନ । ତେଣୁ ଉଚ୍ଚ ଶିକ୍ଷା ବିଭାଗ ଏ ସମ୍ପର୍କରେ ଦୃଷ୍ଟି ଦେବା ସହ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି ହୋଇଛି।

## ଜଙ୍ଗଲ ନିଆଁ ନିୟନ୍ତ୍ରଣ ସଚେତନତା ମିନି ମାରାଥନ




ବନ ବିଭାଗ ଅଧିକାରୀ ସବୁଜ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରୁଛନ୍ତି ।

ରାୟଗଡ଼ା,୧୪।୨(ଆଶିଷ ରଞ୍ଜନ ପଣ୍ଡା)

ଜଙ୍ଗଲ ନିଆଁ ନିବାରଣ ଓ ନିୟନ୍ତ୍ରଣ ସଚେତନତା ପାଇଁ ବନ ବିଭାଗ ପକ୍ଷରୁ ମଙ୍ଗଳବାର ଏକ ମିନି ମାରାଥନ୍ ଆୟୋଜନ ହୋଇଯାଇଛି। ମିନି ମାରାଥନ୍‌ରେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବରିଷ୍ଠ ନାଗରିକ ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ରିଲାଏନ୍ସ ଶପିଂ ମଲ୍‌ଠାରୁ ମିନି ମାରାଥନ୍ ଆରମ୍ଭ ହୋଇ ଫରେଷ୍ଟ ପାର୍କ ଏବଂ ପୁଣି ଫରେଷ୍ଟ ପାର୍କଠାରୁ ରିଲାଏନ୍ସ ଶପିଂ ମଲ୍ ପର୍ଯ୍ୟନ୍ତ ପ୍ରାୟ ୮ କି.ମି. ଗଣଦୌଡ଼ ହୋଇଥିଲା । ମାରାଥନକୁ ଉପ ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ ଓ ଦିବ୍ୟା ମାଧୁରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ବିଡ଼ିକା ସିନ୍ଧୁ ପ୍ରଥମ, ଶ୍ରୀକାନ୍ତ ପ୍ରାସ୍କା ଦ୍ୱିତୀୟ ଏବଂ କୈଳାସ ପ୍ରାସ୍କା ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉପସ୍ଥିତ ଦୁଇ ଉପ ବନ ସଂରକ୍ଷକ ଯୋଗଦେଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା ବୃକ୍ଷ ନଷ୍ଟହେବା ସହ ପରିବେଶ ଉପରେ ପଡୁଥିବା ପ୍ରତିକୂଳ ପରିସ୍ଥିତି ଉପରେ ସଚେତନତା କରିଥିଲେ । ତେଣୁ ଜଙ୍ଗଲରେ ନିଆଁ ନ ଲଗାଇ ବୃକ୍ଷଲତାର ରକ୍ଷଣାବେକ୍ଷଣ ଉପରେ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବନ ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ ।

## ବିଶ୍ୱଜିତ ମହାପାତ୍ରଙ୍କ ଗୀତରେ ଝୁମିଲେ ଛାତ୍ରୀଛାତ୍ର

### ଜିଆଇଇଟି ବିଶ୍ୱବିଦ୍ୟାଳୟର 'ସୃଜନ ୨.୦' ଉଦ୍‌ଯାପିତ

ଗୁଣପୁର,୧୪।୨(ପ୍ରଦୀପ କୁମାର ପାଢ଼ୀ)



କଣ୍ଠଶିଳ୍ପୀ ବିଶ୍ୱଜିତ୍ ମହାପାତ୍ର ଗୀତ ଗାଉଛନ୍ତି।

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ୩ଦିନ ଧରି ଚାଲିଥିବା ବାର୍ଷିକ ଟେକ୍ନୋ ସାଂସ୍କୃତିକ ଉତ୍ସବ 'ସୃଜନ ୨.୦' ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାସ୍ଥିତ ଏସ୍‌କେ ଫାର୍ମାଟିକ ସଲ୍ୟୁସନର ନିର୍ଦ୍ଦେଶକ ଏସ୍‌କେ ଜଗଦୀଶ୍ୱର ରାଓ ଯୋଗଦେଇ କେମିକାଲ ପାଠ୍ୟକ୍ରମରେ ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ କହିଥିଲେ। ଚଳିତ ବର୍ଷ କେମିକାଲ ବିଭାଗର ଗୋଲ୍ଡ ମେଡାଲ ହାସଲ କରିବା ବିଦ୍ୟାର୍ଥୀଙ୍କୁ ୫୦ ହଜାର ଟଙ୍କା ଏବଂ ବିଶ୍ୱବିଦ୍ୟାଳୟର ଉତ୍ତମ ଗବେଷଣା କରିଥିବା ବିଦ୍ୟାର୍ଥୀଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ଅନ୍ୟତମ ଅତିଥି ଭାବେ ବିଶାଖାପାଟଣାସ୍ଥିତ ଏସ୍‌ଏନ୍‌ଏଫ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କୁମାରସେନ ରାଜେନ୍ଦ୍ରନ, ବିଶ୍ୱବିଦ୍ୟାଳୟର ପରୀକ୍ଷା ନିରୀକ୍ଷକ ପି. ବିଜୟ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ବିଶ୍ୱଜିତ ମହାପାତ୍ରଙ୍କ ଦ୍ୱାରା ମଧୁର ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା , ରେଜିଷ୍ଟ୍ରାର ଏନ୍.ଭି. ଜଗନ୍ନାଧା ରାଓ ପ୍ରମୁଖ କଣ୍ଠଶିଳ୍ପୀ ମହାପାତ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ ।

## ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଚନ୍ଦ୍ରପୁର, ୧୪।୨ (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁରସ୍ଥିତ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କୈଳ କିମାକା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜିଲା ଏସ୍‌ଏସ୍‌ଡି ବିଭାଗର ସର୍କଲସ୍ତରୀୟ ମଣ୍ଡଳ ଶିକ୍ଷାଧୀଶ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ବିଡ଼ିଓ ଅକ୍ଷୟ କୁମାର ମଲିକ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ସରପଞ୍ଚ ସଞ୍ଜିତା ବ୍ରେକବେଡା, ଚନ୍ଦ୍ରପୁର ମହିଳା ମହା ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥି, ଖବରଦାତା ଏବଂ ଉତ୍ତମ ଶିକ୍ଷକ ଭାବେ ପ୍ରଦୀପ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗୌରହରି ସାହୁ ବିବରଣୀ ପାଠ କରିଥିଲେ। ଛାତ୍ରଙ୍କ ତରଫରୁ ଦେଶାତ୍ମବୋଧକ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲ। । ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଆ ଅଧ୍ୟାପକ ଭୟ ରାମ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁ ବ୍ରେକବେଡା, ଶିକ୍ଷକ ତ୍ରିପତି ଶ୍ରୀରାମ, ଗୁରୁ ପ୍ରସାଦ ପରିଡାଙ୍କ ସମେତ ୨୭୫ ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପିତ

ଗୁଣପୁର,୧୪।୨(ପ୍ରଦୀପ କୁମାର ପାଢ଼ୀ )



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଦାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ଗୁଣପୁରରେ ୫ ଦିନ ଧରି ଚାଲିଥିବା ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ ଉତ୍ସବରେ ଜନଜାତିଙ୍କୁ ଗୁରୁତ୍ୱ ଦିଆଯାଇଥିବାରୁ ବିଧାୟକ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ ଓ ପୌର ପରିଷଦ ର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ। ଉପ ସଭାପତି ଉମା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଞ୍ଜିତ ପାଢି ଅନୁଭୂତି ସମ୍ପର୍କରେ କହିଥିଲେ । ଏହି ଅବସରରେ ବଂଶଧାରା ପତ୍ରିକା ଲୋକାର୍ପଣ ହୋଇଥିଲା। କ୍ରୀଡା ପରିଷଦର ସମ୍ପାଦକ ସପନ ଦାସଙ୍କ ସଂଯୋଜନାରେ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଷ୍ଟାର ଅଫ ଜୟପୁରର ମେଲୋଡି କାର୍ଯ୍ୟକ୍ରମରେ ଶୁକଦେବ ବାରିକଙ୍କ ସଙ୍ଗୀତ ସହ ପଞ୍ଚମ ସାମନ୍ତରାୟଙ୍କ ସେକ୍ସୋଫୋନ ଶବ୍ଦକୁ ଦର୍ଶକ ଉପଭୋଗ କରିଥିଲେ। ପଡ଼ିଆରେ ସରସ୍ୱତୀ ପୂଜା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଅଦ୍ୱେତ ବେଦାନ୍ତ ଆଶ୍ରମର ପୂଜକଙ୍କ ଦ୍ୱାରା ମହା ଆରତୀ ଅନୁଷ୍ଠିତ ହୋଇଥିଲା।

## ମାଙ୍ଗେଇ ଗମାଙ୍ଗ ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା

ଗୁଣପୁର, ୧୪।୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତର ଏଙ୍ଗେର୍ବାସ୍ଥିତ ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଆସନ୍ତା ୧୮ ତାରିଖରେ ଅନୁଷ୍ଠିତ ହେବ। ଆଶ୍ରମ ପରିସରରେ ୨ ଦିନ ହେବ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଶ୍ରମର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ମଶାଲ ଶୋଭାଯାତ୍ରା ସ୍ୱର୍ଗତ ଗୁରୁ ମାଙ୍ଗାଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତିଠାରୁ ବାହାରି ଖେଳ ପଡିଆରେ ପହଞ୍ଚିଥିଲା । ମଶାଲକୁ ଧରି ଖେଳପଡିଆ ଚାରିପଟେ ବୁଲିବା ପରେ ସ୍ଥାପନା କରାଯାଇଥିଲା । ମଶାଲ ଯାତ୍ରାରେ ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ସମ୍ପାଦକ ବଳରାମ ଶବର, ସହ ସମ୍ପାଦକ ବିଦ୍ୟାଧର ଶବର ଏବଂ ମାଙ୍ଗାଇ ଆଶ୍ରମ ପରିଚାଳନା କମିଟିର ସଭାପତି ରତ୍ନାକର ଶବର ପ୍ରମୁଖ ଉପସ୍ଥିତ ଥିଲେ।



## ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଗୁଣପୁର, ୧୪।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୁଣପୁରର ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଉପଜିଲାପାଳ ଦୀପ୍ତିମୟୀ ପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ଦୃଢ଼ ହେବା ସହିତ ପାଠପଢ଼ି ଭବିଷ୍ୟତରେ ସମାଜ ତଥା ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଜଗନ୍ନାଥ ଦୀପ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ନମିତା ମୁଦୁଲି ଓ ସୁଶ୍ରୀ ଚିତ୍ରା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବିକାଶ ରଞ୍ଜନ ଭୂୟାଁ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମର ୨ଜଣ ପ୍ରଶିକ୍ଷିକା ମମିତା ଶବର ଓ ବିମଳା ଜେନାଙ୍କ ଦ୍ୱାରା ପ୍ରଶିକ୍ଷିତ କେତେକ ଆତ୍ମରକ୍ଷା କୌଶଳ ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ଶେଷରେ ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଟିଟିଲାଗଡ଼ ଚାମ୍ପିୟନ

### ବୀରଗତି ସଞ୍ଜୟ ମାଝି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଅତିଥିଙ୍କ ଗହଣରେ ବିଜେତା ଦଳର ଖେଳାଳିମାନେ।

ଆମ୍ବଦଳା,୧୪।୨(ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ଅମ୍ବାଦଳା ରେଲୱେ ଖେଳ ପଡ଼ିଆରେ ଗତ ୭ ତାରିଖରୁ ଚାଲିଥିବା ବୀରଗତି ସଞ୍ଜୟ ମାଝି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଓ ଛତିଶଗଡ଼ର ୮ଟି ଦଳ ଭାଗ ନେଇଥିଲେ । ଓଡ଼ିଶାର ୨ଟି ଦଳ ବଲାଙ୍ଗୀର ଜିଲା ଟିଟିଲାଗଡ଼ ରାଇଡର୍ସ ଓ କୋରାପୁଟ ଦିଲଦାର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କୋରାପୁଟ ଦିଲଦାର ଦଳକୁ ପରାଜିତ କରି ଟିଟିଲାଗଡ ରାଏଡର୍ସ ଦଳ ଚାମ୍ପିୟନ ହୋଇଛି । ଏହି ମ୍ୟାଚରେ ଟିଟିଲାଗଡ଼ ଦଳର ମ୍ୟାନ ଅଫ୍ ଦି ସିରିଜ ଅବିନାଶଙ୍କୁ ଟ୍ରଫି ସହିତ ଅର୍ଥ ରାଶି ପୁରସ୍କୃତ କରାଯାଇଛି ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥ ରୂପେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଗୁରୁବାରୀ ଭୋଇ, ବିଜେଡି ନେତା ଧୀରେନ୍ଦ୍ର ପାଣିଗ୍ରାହୀ, କଲ୍ୟାଣସିଂପୁର ଶହୀଦ ସଞ୍ଜୟ ମାଝିଙ୍କ ମା', ପୂର୍ବତନ କ୍ରିକେଟ ଖେଳାଳି ସତ୍ୟବାନ ଛତର,ଏ. ଜଗନ୍ନାଥ ପ୍ରସାଦ,ଦେବୀ ପ୍ରସାଦ ମୁଖାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୫୫ହଜାର ୫୫୫ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୩ ହଜାର ୩୩୩ଟଙ୍କା ପ୍ରଦାନ କରାଯାଇଛି । ଫାଇନାଲ ମ୍ୟାଚରେ ମାନସ ପଟ୍ଟନାୟକ ଓ ପୁରୁଷୋତ୍ତମ ବଞ୍ଚର ଅମ୍ପାୟର ଥିବାବେଳେ ରେଫରି ସିକନ୍ଦର ଓ ବିରାଟ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇ ଥିଲେ । ୨୦ ହଜାର ଖେଳପ୍ରେମୀଙ୍କ ଭିଡ଼ ହୋଇଥିଲା। ଖେଳର କମେଣ୍ଟେଟର ଭାବେ ଆକାଶ କୋଟା ଓ ଅନ୍ୟ ୨ଜଣ ରହିଥିଲେ। ଏମ୍‌ବିସିସି କ୍ଲବ ସଭାପତି ଭଗବାନ ପୁଞ୍ଜି, ଉପସଭାପତି ରତ୍ନ ପୁଞ୍ଜି, ସେକ୍ରେଟାରୀ ସିକନ୍ଦର କୋଟା,କୋଷାଧ୍ୟକ୍ଷ ରୂପେସ ଗହୀରଙ୍କ ସମେତ ସିତୁ,ବିଶ୍ୱଜିତ, କିରଣ, ଶମ୍ଭୁ,ଅନୀଲ, ହେମନ୍ତ, ବିରାଟ,ସୁରେଶ, ଆକାଶ,ସନ୍ତୋଷ ସହଯୋଗ କରିଥିଲେ ।

## ରାୟଗଡ଼ା ଆସନ ଦଖଲ କରିବ ବିଜେଡି: ଭାସ୍କର ରାଓ

ରାୟଗଡ଼ା,୧୪।୨(ଆଶିଷ ରଞ୍ଜନ ପଣ୍ଡା)






କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି ଭାସ୍କର ରାଓ ଏବଂ ବିଜେଡି କର୍ମୀଙ୍କ ବାଇକ ରାଲି।

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ରାୟଗଡ଼ା ବ୍ଲକରେ ଆରମ୍ଭ ହୋଇଛି ବିଜେଡ଼ିର ପ୍ରଚାର ପ୍ରସାର । ଗତ ୧୧ ତାରିଖରେ ଓଡ଼ିଶା- ଆନ୍ଧ୍ରପ୍ରଦେଶ ସୀମାନ୍ତ କେରେଡ଼ା ଗ୍ରାମରେ ବିଗୁଲ ବଜାଇବା ପରେ ବୁଧବାର ରାୟଗଡ଼ା ବ୍ଲକ ଅମଳାଭଟାଠାରେ ଅନୁଷ୍ଠିତ ହୋଇଛି ବିଜେଡ଼ିର ବିଶାଳ ସମାବେଶ। ଜିଲା ପରିଷଦ 'ଗ' ଜୋନ୍ ଅନ୍ତର୍ଗତ ସମସ୍ତ ୭ ପଞ୍ଚାୟତର ଲୋକେ ଏଥିରେ ସାମିଲ ହୋଇଥିଲେ। ପୂର୍ବତନ ରାଜ୍ୟସଭା ଏମ୍‌ପି ତଥା ବିଜେଡ଼ି ରାଜ୍ୟ ଉପସଭାପତି ଏନ.ଭାସ୍କର ରାଓଙ୍କ ନେତୃତ୍ୱରେ ଏହି ସମାବେଶ ହୋଇଥିଲା। ସମାବେଶରେ ଭାସ୍କର ରାଓ ନିଜ ବକ୍ତବ୍ୟରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିଛି। ଯାହା ବିଜେଡ଼ି ଶାସନ ପୂର୍ବରୁ କେବେ ମଧ୍ୟ ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀ ସର୍ବଦା ଗ୍ରାମାଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ତେଣୁ ବିଜେଡ଼ିକୁ ଜିତାଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଆସନ୍ତା ନିର୍ବାଚନରେ ବିଜେଡି ରାୟଗଡ଼ା ଆସନ ଦଖଲ କରିବ ବୋଲି ଭାସ୍କର ରାଓ କହିଥିଲେ।

ପ୍ରଥମେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଖଲିଗୁଡାଠାରେ ଭାସ୍କର ରାଓ ଏବଂ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଅମଳାଭଟା ପର୍ଯ୍ୟନ୍ତ ଏକ ବିଶାଳ ବାଇକ ରାଲି ଆୟୋଜନ ହୋଇଥିଲା। ଅମଳାଭଟାଠାରେ ଅନୁଷ୍ଠିତ ସମାବେଶରେ କର୍ଲାକଣା, ଚାନ୍ଦିଲି, କୋଟାପେଟା, ପେଣ୍ଟା, କୁମୁଟିପେଣ୍ଟ, ମାଟିକଣା, ମାଲିଗାଁ ପଞ୍ଚାୟତର ଲୋକ ଯୋଗଦେଇଥିଲେ । ବାଇକ ରାଲି ସମୟରେ ଜେକେପୁରଠାରେ ମହିଳାମାନେ ଭାସ୍କର ରାଓଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଓ ସ୍ଥାନୀୟ ନେତା ଜିଲା ସମ୍ପାଦକ ଡି. ଶ୍ରୀନିବାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ଭାସ୍କର ରାଓଙ୍କ ସମେତ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବିଜେଡ଼ି ରାଜ୍ୟ ସମ୍ପାଦକ ଅମୀୟ ସ୍ୱାଇଁ,

### ରାୟଗଡ଼ା ବ୍ଲକ 'ଗ' ଜୋନ୍‌ରେ ବିଜେଡିର ବିଶାଳ ସମାବେଶ

ଚନ୍ଦ୍ରକାନ୍ତ ସାମଲ, ରାୟଗଡ଼ା ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝି, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଷୋୟୀ, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଶ୍ରମିତା ପାଢ଼ୀ, ଜିଲା ଉପସଭାପତି ବିନାୟକ କର, ବି.ତିରୁପତି, ଜିଲା ପରିଷଦ ସଭ୍ୟା ସନ୍ଧ୍ୟା ପୁଲାକା, ଜିଲା ସମ୍ପାଦକ ଏମ୍. ଗଙ୍ଗାଧର ପ୍ରମୁଖ ସାମିଲ ଥିଲେ । କାର୍ଯ୍ୟକ୍ରମରେ ମଞ୍ଚାସୀନ ବରିଷ୍ଠ ନେତାମାନେ ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହର ହେପୃକା ଆଦିବାସୀ ଭାଷାରେ ଅଞ୍ଚଳବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଯଥା ମମତା ଯୋଜନା, ବେକାରୀଙ୍କ ପାଇଁ ଆରମ୍ଭ ହୋଇଥିବା ସ୍ୱୟଂ ଯୋଜନା ଆଦି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନ୍ୟ ଦଳ ଛାଡି ନେତା ଓ କର୍ମୀମାନେ ବିଜେଡ଼ିରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳ ଜିଲା ସମ୍ପାଦକ ହରପ୍ରସାଦ ନାୟକ, ଯୁବନେତା ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ଗୌରୀ ପଟ୍ଟନାୟକ, ତପନ ପେଦେଣ୍ଟି, ଯୋଗେଶ ପେଦେଣ୍ଟିଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ । ବିନାୟକ କର ସଭାରେ ମଞ୍ଚ ପରିଚାଳନା କରିଥିଲେ ।

**ସଂକ୍ଷେପରେ**

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ବିଦ୍ୟାଦାତ୍ରୀ ମା ସରସ୍ୱତୀଙ୍କ ପୂଜା ପାଳିତ ହୋଇ ଯାଇଛି। ମାଲକାନଗିରି ସଦର ମହକୁମାର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ସରସ୍ୱତୀଙ୍କୁ ପୂଜା କରାଯାଇଥିଲା। ସକାଳ ୯ ଟାରେ ପୂଜାରମ୍ଭ, ପ୍ରତିମା ପ୍ରତିଷ୍ଠା, ପୂର୍ବାହ୍ନ ୧୧ଟାରେ ଆଳତୀ ଓ ମଧ୍ୟାହ୍ନ ୧୨ ଟାରେ ପ୍ରସାଦ ସେବନ ହୋଇଥିଲା। ସେହିପରି ଜିଲାର ଅନ୍ୟ ବ୍ଲକଗୁଡିକରେ ମଧ୍ୟ ସରସ୍ୱତୀ ପୂଜା ଧୁମଧାମରେ ପାଳିତ ହୋଇଥିବା ଦେଖିବାକୁ ମିଳିଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବାଲି ଟ୍ରାକ୍ଟର ଜବତ: ୭୫ହଜାର ଜରିମାନା ଆଦାୟ

ପଡିଆ, ୧୪।୨ (ଭାସ୍କର ରାଓ)

ମୋଟୁ ତହସିଲଦାର ଓ ପଡ଼ିଆ ରାଜସ୍ୱ ନିରୀକ୍ଷକଙ୍କ ମିଳିତ ଏକ ଟିମ୍ ବେଆଇନ ବାଲି ଚାଲାଣ ଟ୍ରାକ୍ଟର ଜବତ କରାଯାଇ ୭୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ମୋଟୁ ତହସିଲଦାର ମଧୁସୂଦନ ମାଝି ଏବଂ ପଡ଼ିଆ ସଦର ରାଜସ୍ୱ ନିରୀକ୍ଷକ ଚିନ୍ମୟ ମହାପାତ୍ରଙ୍କ ସହ ଏକ ଟିମ୍ ସାବେରୀ ନଦୀର ବିଭିନ୍ନ ଘାଟରେ ଚଢ଼ାଉକରି ସ୍ଥାନୀୟ କମାରଗୁଡା ଗ୍ରାମ ଦନ୍ଦଗୁଡା ବାଲିଘାଟରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୫ ଟ୍ରାକ୍ଟର ଜବତ କରିଥିଲେ। ଫାଇନ ଆକାରରେ ଏମାନଙ୍କଠାରୁ ୭୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଝରାପାଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଝରାପାଲ୍ଲୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ଜିଲା ପରିଷଦ ସଭ୍ୟା କୁନି ଭୂମିଆ, ପଦ୍ମଗିରି ସରପଞ୍ଚ ସୋନାଧର ମାଡକାମି, ପେଡାକୋଣ୍ଡା ସରପଞ୍ଚ ଲାକମା କବାସୀ, ତଣ୍ଡିକି ସରପଞ୍ଚ


କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ବାବୁଲା ପଡିଆମି, ସିନ୍ଧ୍ରିମାଳ ସରପଞ୍ଚ ଘାସି ବାବୁ, ଗଙ୍ଗଲା ସରପଞ୍ଚ ସୁଦର୍ଶନ କପେ ଓ ଝରାପାଲ୍ଲୀ ପୂର୍ବତନ ସରପଞ୍ଚ ଅର୍ଜୁନ ବାଞ୍ଜାମି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଝରାପାଲ୍ଲୀ ସହ ନିକଟସ୍ଥ ପଞ୍ଚାୟତର ଶହ ଶହ ମହିଳା ପୁରୁଷ ଉପସ୍ଥିତ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୋଜନା ଜନସାଧାରଣଙ୍କ ପାଇଁ ନବୀନ ସରକାର ପ୍ରଣୟନ କରିବେ ଓ ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ନବୀନ ସରକାରଙ୍କୁ ଜିତାଇବା ସହ ଦଳକୁ ଆହୁରି ସୁଦୃଢ଼ କରିବା ପାଇଁ ଅତିଥିମାନେ ପ୍ରକାଶ କରଥିଲେ।

# ଭୋଇରିକୁଣ୍ଡରେ ଗରିଆ ମା'ଙ୍କ ପୂଜା

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନ ପାତ୍ର)

ଏବେବି ଆଦିବାସୀ ଗ୍ରାମ ଗୁଡିକରେ ପରମ୍ପରାକୁ ବଜାୟ ରଖିଥିବା ଦେଖିବାକୁ ମିଳୁଛି। ଗ୍ରାମର ଦେବାଦେବୀଙ୍କୁ ପୂଜା କଲେ କୌଣସି ମହାମାରି କିମ୍ବା ବିପଦ ଆସିବ ନାହିଁ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ତାଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ପ୍ରତିବର୍ଷ ସମୂହ ଭାବେ ଗ୍ରାମଦେବତାଙ୍କୁ ପୂଜା କରିବା ସହ ଯାତ୍ରା କରିଥାନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଭୋଇରିକୁଣ୍ଡ ଗ୍ରାମରେ। ଉଦୁଲିବେଡା ସମିତିସଭ୍ୟ ପି. ରାମେଶ୍ୱର ରାଓ ଓ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗତ କିଛିବର୍ଷ ପୂର୍ବେ ଏହି ଗ୍ରାମରେ ମହାମାରିରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ମୃତ୍ୟୁର କାରଣ ଗ୍ରାମବାସୀଙ୍କୁ ଜଣା ପଡୁ ନ ଥିବା ବେଳେ ଜନୈକ ବ୍ୟକ୍ତିଙ୍କୁ ଗରିଆ ମା ସ୍ୱପ୍ନରେ ଆସି ତାଙ୍କ ପୂଜା ଓ ଯାତ୍ରା ବିଧିବିଧାନ ଅନୁଯାୟୀ କରିବା ପାଇଁ ଆଦେଶ ଦେଇଥିଲେ। ତାଙ୍କ


ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଆଦେଶକୁ ରକ୍ଷାକରି ଆଜକୁ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରତିବର୍ଷର ମାଘ ମାସର ଗୋଟିଏ ଶୁଭ ଦିନରେ ଗ୍ରାମବାସୀ ଗରିଆ ମାଙ୍କ ପୂଜା ଓ ଯାତ୍ରା କରିଆସୁଛନ୍ତି। ସେହି ଦିନଠାରୁ ଏହି ଗ୍ରାମରେ କୌଣସି ମହାମାରୀ ହୋଇନଥିବା ଗ୍ରାମବାସୀ କହିଛନ୍ତି। ଏହି ଯାତ୍ରାରେ ଭୋଇରିକୁଣ୍ଡ ଗ୍ରାମ ସହ ନିକଟସ୍ଥ ଗ୍ରାମବାସୀ ଏକତ୍ରୀତ ହୋଇ ଗାଁ ମୁଣ୍ଡରେ ଥିବା ଗରିଆ ମାଙ୍କ ପୀଠରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ପାରମ୍ପରିକ କାଳିସୀ ନୃତ୍ୟରେ ରଙ୍ଗ ବେରଙ୍ଗ ପୋଷାକ ପରିଧାନ କରି ନାଚୁଥିବା ଦେଖିବାକୁ ମିଳିଛି। ଏହି ଯାତ୍ରାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତେ ସାମିଲ ହୋଇ ପାରମ୍ପରିକ ନାଚଗୀତରେ ଝୁମିଛନ୍ତି। ଅନେକ ମହିଳା ମାନଙ୍କୁ ମା' ଗରିଆ ଲାଗିଥିବାରୁ ସେମାନଙ୍କ ଉଦଣ୍ଡ ନାଚ ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା।

# ୪ ଆନ୍ତଃ ରାଜ୍ୟ ବାଇକ୍ ଚୋର ଗିରଫ


ଗିରଫ ୪ ଅଭିଯୁକ୍ତ।

ଚିତ୍ରକୋଣ୍ଡା, ୧୪।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ପୋଲିସ ୪ ଆନ୍ତଃରାଜ୍ୟ ବାଇକ୍ ଚୋରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗତ କିଛି ଦିନ ହେବ ଚିତ୍ରକୋଣ୍ଡା ଅଞ୍ଚଳରେ ବିନା ନମ୍ବର ପ୍ଲେଟରେ କେତେକ ବାଇକ୍ ଚଳାଚଳ କରୁଥିବା ପୋଲିସ ପାଖରେ ଖବର ପହଞ୍ଚି ଥିଲା। ପରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲକାଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ ଓ ଗାଡି ଯାଞ୍ଚ କରିଥିଲେ। ଏହି ସମୟରେ କାଗଜପତ୍ର ନ ଥିବା ଦୁଇଟି ବାଇକ୍ ଜବତ କରିବା ସହିତ ୪ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ପୋଲିସ ତଦନ୍ତ ପରେ ସେମାନଙ୍କ ନିକଟରେ ଆଉ ଦୁଇଟି ବାଇକ୍ ଥିବା ଜାଣି ଉକ୍ତ ଦୁଇଟି ବାଇକ୍ ମଧ୍ୟ ଜବତ କରିଥିଲେ। ଗିରଫ ୪ ବ୍ୟକ୍ତି ପଡୋଶୀ ଆନ୍ଧ୍ରପ୍ରଦେଶ ଇଷ୍ଟ ଗୋଦାବରୀ ଜିଲା ତନୁକୁ ଗ୍ରାମର ପି.ଶିବ କୁମାର, ଆଲୁରୀ ସୀତାରାମରାଜୁ ଜିଲାର କୋଡା ସୁରେଶ ବାବୁ, ରାଜମହେନ୍ଦ୍ରୀର ହରି ସୁର୍ଯ୍ୟା, ଓ ଶ୍ରୀକାକୁଳମ ଜିଲା ଜଲାମୁରୁ ଗ୍ରାମର ଏ. ପ୍ରସାଦ ବୋଲି ପଚରାଉଚୁରା ବେଳେ ଜଣାପଡିଛି। ତେବେ ଏହି ୪ ଜଣ ଆନ୍ଧ୍ରପ୍ରଦେଶରୁ ଗାଡି ଚୋରି କରି ଓଡିଶାରେ ବିକ୍ରି କରୁଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ଚିତ୍ରକୋଣ୍ଡା ଥାନାରେ ନଂ. ୪୫/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମାଲକାନଗିରି ଜିଲା କୋର୍ଟରେ ହାଜର କରାଯାଇଥିବା ଥାନା ଅଧିକାରୀ ମେଲକା କହିଛନ୍ତି।

## ଚିତ୍ରକୋଣ୍ଡା: ୧୮ ପଞ୍ଚାୟତରୁ ୩୫୫ ଗଲେ ଶ୍ରୀକ୍ଷେତ୍ର

ଚିତ୍ରକୋଣ୍ଡା, ୧୪।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ସହାୟତାରେ ଚିତ୍ରକୋଣ୍ଡା ବ୍ଲକ ୧୮ ପଞ୍ଚାୟତରୁ ୩୫୫ ଜଣ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ବୁଧବାର ପୁରୀ ଯାତ୍ରା କରିଛନ୍ତି। ଶ୍ରୀକ୍ଷେତ୍ର ଧାମ ପାଇଁ ଚିତ୍ରକୋଣ୍ଡା ଠାରୁ ୮ ବସ୍ ଓ ବ୍ଲକର ୨ ଜଣ ଏପିଓ ଉତ୍ସବ ଗିରି ଓ ବିପିଏମ୍ ପର୍ଶୁରାମ ବେହେରା ୮ ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଯାତ୍ରା ଆରମ୍ଭ ହୋଇଛି। ୩ ଦିନିଆ କାର୍ଯ୍ୟକ୍ରମରେ ଜଗନ୍ନାଥଙ୍କୁ ଦର୍ଶନକରି ଶ୍ରଦ୍ଧାଳୁମାନେ ଚିତ୍ରକୋଣ୍ଡା ଫେରିବେ।



# ହତ୍ୟା, ଲୁଟରେ ସାମିଲ ଜଣେ ମାଓବାଦୀ ଗିରଫ

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲା ପୋଲିସ ହତ୍ୟା ଓ ଲୁଟ ଆଦିରେ ସାମିଲ ଥିବା ଜଣେ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସୂଚନା ମୁତାବକ ଛତିଶଗଡ ପୋଲିସ ଦ୍ୱାରା ଚାଲୁଥିବା ମାଓବାଦୀ ନିର୍ମୁଳ ଅଭିଯାନରେ ସୁକୁମା ଜିଲା ପୋଲମପଲ୍ଲୀ ମାଓବାଦୀ ଏଲ୍‌ଓସି ସଦସ୍ୟମାନଙ୍କ ଅରଲମପଲ୍ଲୀ ଓ ପାଲାମଡଗୁ ଗ୍ରାମ ମଧ୍ୟ ଜଙ୍ଗଲରେ ବୈଠକ ହେଉଥିବା କୌଣସି ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଫଳରେ ଦୋର୍ନାପାଲ ଥାନା ଓ ପୋଲମପଲ୍ଲୀ ଥାନା ପୋଲିସ ମିଳିତ ଭାବେ ମାଓବାଦୀଙ୍କୁ ଘେରାବନ୍ଦି କରି ଧରିବା ପାଇଁ ଅରଲମପଲ୍ଲୀ ଓ ପାଲାମଡଗୁ ଜଙ୍ଗଲ ଅଭିମୁଖେ ବାହାରିଥିଲେ। ଉକ୍ତ ଅଞ୍ଚଳରେ ପହଞ୍ଚି ସର୍ଚ୍ଚ ଅପରେଶନ କରୁଥିବା ସମୟରେ ପୋଲିସକୁ ଦେଖି ମାଓବାଦୀମାନେ ସେଠାରୁ ଫେରାର ହେବାରେ ଲାଗିଥିଲେ। ପରେ ପୋଲିସ ତାଙ୍କୁ ଧରିବା ପାଇଁ ଚେଷ୍ଟା କରିବା ସମୟରେ ଜଣେ ମାଓବାଦୀଙ୍କୁ



ଗିରଫ କରିଥିଲେ। ଉକ୍ତ ମାଓବାଦୀ ଜଣକ ପାଲାମଡଗୁ ଗ୍ରାମର ମଡକମ ମାଡା। ସେ ଜନତାନା ସରକାର ଉପାଧ୍ୟକ୍ଷ ଥିଲେ। ତେବେ ଗିରଫ ମାଓବାଦୀଙ୍କ ରେକର୍ଡ ଯାଞ୍ଚ କରିବା ପରେ ଦୋର୍ନାପାଲ ଥାନା ଏବଂ ପୋଲମପଲ୍ଲୀ ଥାନାରେ ତାଙ୍କଜ ନାମରେ ୭ ଲୁଟ୍, ହତ୍ୟା ଭଳି ସଙ୍ଗୀନ ମାମଲା ରୁଜୁ ହୋଇଛି। ୨୦୨୧ରେ ପେଣ୍ଟା ଗ୍ରାମରେ ଜଣଙ୍କ ଘରେ ପସି ବେଟୀ ଭିମା ନାମକ ବ୍ୟକ୍ତିଙ୍କୁ ହତ୍ୟା ଓ ଗେରଗୁଣ୍ଡା ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ସୁପରଭାଇଜରଙ୍କୁ ମାରପିଟ ଆଦି ଅଭିଯୋଗ ତାଙ୍କ ନାମରେ ରହିଛି। ବୁଧବାର ଉକ୍ତ ମାଓବାଦୀଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସ୍ୱାଭିମାନ ଅଞ୍ଚଳରେ ବିଜେଡି ମହିଳା ସମାବେଶ

ଚିତ୍ରକୋଣ୍ଡା, ୧୪।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ବିଜୁ ମହିଳା ପର୍ଯ୍ୟବେକ୍ଷକ ଲୋରା ମହାପାତ୍ର, ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ଅଧ୍ୟକ୍ଷତାରେ ସ୍ୱାଭିମାନ ଅଞ୍ଚଳରେ ବିଜେଡି ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ପଣସପୁଟ ପଞ୍ଚାୟତ ଗୋରାସେତୁ ଗ୍ରାମରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବା ସହିତ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ଉପସ୍ଥିତିରେ ବିଜୁ ଜନତା ଦଳର ମହିଳା ସଂଗଠନ ଆହୁରି କେମିତି ସଶକ୍ତ ହେବ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ଜନ କଲ୍ୟାଣ ଯୋଜନା, ଗମନା ଗମନ, ବିଜୁ ସ୍ୱାସ୍ଥ୍ୟ କାର୍ଡ,ପାନୀୟ ଜଳ,ରାଶନ କାର୍ଡ ଓ ଲକ୍ଷ୍ମୀ ବସ୍ ଯୋଜାନା ଯୋଗାଇ ଦିଆଯାଇଛି। ଯାହା ଲୋକଙ୍କ ହିତରେ ଆସୁଛି ବୋଲି ଆଲୋଚନା କରାଯାଇଥିଲା। ଏହି ସମାବେଶରେ ବ୍ଲକ ସଭାପତି ରଘୁ ଖରା, ବ୍ଲକ ମହିଳା ସଭାନେତ୍ରୀ ଲକ୍ଷ୍ମୀ ମାଣ୍ଡୀ, ବରିଷ୍ଠ ବିଜେଡି କର୍ମୀ ଦେବେନ୍ଦ୍ର ଦାସ, ଶିବ ଖରା, ଅର୍ଜୁନ ଦଳେଇପ୍ରମୁଖ କର୍ମୀ ଉପସ୍ଥିତ ଥିବା ବେଳେ ବିଧାୟକ ପ୍ରତିନିଧି ଅମ୍ମି ଅଗ୍ରୱାଲ ସଭା ପରିଚାଳନା କରିଥିଲେ।

# ପ୍ରାର୍ଥୀଙ୍କ ଦ୍ୱାରା ପ୍ରଚାର ପାଇଁ ବ୍ୟବହୃତ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ବୈଠକ

ମାଲକାନଗିରି, ୧୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଲୋକ ସଭା ଓ ବିଧାନସଭା ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ପ୍ରାର୍ଥୀଙ୍କ ଦ୍ୱାରା ସଭାସମିତି ଓ ପ୍ରଚାରପ୍ରସାର ନିମନ୍ତେ ବ୍ୟବହୃତ ହେବାକୁ ଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକୁ ଅନୁପାଳନକରି ସମସ୍ତେ ସତର୍କତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରିବାକୁ ଜିଲା ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ସାମିଆନା, ପ୍ରଚାରପତ୍ର, ଗାଡ଼ି ଓ ଡାକବାଜି ଯନ୍ତ୍ର ଆଦି ବିଭିନ୍ନ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ନିର୍ବାଚନ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସହ ବିଭିନ୍ନ ଆଚରଣ ବିଧି ସମ୍ପର୍କରେ ରାଜନୈତିକ ଦଳଗୁଡିକୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ତଥା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ରିର୍ଟନିଂ ଅଧିକାରୀ ତ୍ରିନାଥ ମାଝି, ଉପଜିଲାପାଳ ତଥା ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀର ରିର୍ଟନିଂ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ମୂଲ୍ୟ ନିର୍ଦ୍ଧାରଣ କମିଟି ନୋଡାଲ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ଓ ରତିକୃଷ୍ଣ ପାତ୍ର ଉପସ୍ଥିତ ଥିଲେ।


ମୂଲ୍ୟ ନିର୍ଦ୍ଧାରଣ କମିଟି ବୈଠକରେ ଆଲୋଚନା କରାଯାଉଛି।

# ଜଗନ୍ନାଥଙ୍କ ଦର୍ଶନ ପାଇଁ ବାଲିମେଳାରୁ ଗଲେ ଶ୍ରଦ୍ଧାଳୁ



ବାଲିମେଳାରୁ ଜଗନ୍ନାଥ ଦର୍ଶନ ପାଇଁ ବାହାରିଥିବା ଶ୍ରଦ୍ଧାଳୁ ଓ ଅନ୍ୟ ଅତିଥିମାନେ।

ବାଲିମେଳା, ୧୪।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ତରଫରୁ ଜଗନ୍ନାଥ ଧାମ ପରିଭ୍ରମଣ କରିବା ସହ ଶ୍ରୀଜଗନ୍ନାଥଙ୍କ ଭବ୍ୟ ଦର୍ଶନ ନିମନ୍ତେ ବାହାରିଛନ୍ତି। ବୁଧବାର ସକାଳେ ବାଲିମେଳା ସ୍ଥିତ ଟାଉନ ହଲ୍‌ଠାରେ ବାଲିମେଳା ନଗର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, କାଉନସିଲମାନେ, ବାଲିମେଳା ବିଜେଡି ନଗର ସଭାପତି ମଙ୍ଗଳା ପାଙ୍ଗୀ, ଏମ୍‌ପି ପ୍ରତିନିଧି ମଦନ ଖୋସ୍‌ଲାଙ୍କ ସମେତ ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବାଲିମେଳା ଏନ୍‌ଏସିର ୧୨ ୱାର୍ଡରୁ ୨୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ୫ ବସ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କ ସମସ୍ତ ଖାଇବା ରହିବା ବ୍ୟବସ୍ଥା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ଗୁରୁବାର ସମସ୍ତ ଶ୍ରଦ୍ଧାଳୁ ଜଗନ୍ନାଥଙ୍କୁ ଦର୍ଶନକରି ଫେରିବା ବ୍ୟବସ୍ଥା ହୋଇଛି। ଏନ୍‌ଏସିର କର୍ମଚାରୀମାନେ ଶ୍ରଦ୍ଧାଳୁଙ୍କ ସହ ବସ୍‌ରେ ଯାତ୍ରାକରି ଶ୍ରଦ୍ଧାଳୁମାନଙ୍କୁ ସହଯୋଗ କରିବେ। କାର୍ଯ୍ୟକ୍ରମକୁ ନିର୍ବାହୀ ଅଧିକାରୀ ତଥା କୋରୁକୋଣ୍ଡା ବିଡିଓ ଶିବପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ ୫ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କୋରୁକୋଣ୍ଡା, ୧୪।୨ (ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକର ୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗତ ମାସ ୩୧ତାରିଖରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ମାନପତ୍ର ଦେଇ ପୁରସ୍କୃତ କରିଥିଲା। ଏମାନେ ମଙ୍ଗଳବାର କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କୃତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଆପନମାଳା , ୟୁପିଏସ୍ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ମାହାଳୀ, କଣ୍ଡେଲ ଏନ୍‌ୟୁପିଏସ୍ ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା, ଏମ୍‌ଭି ୩୧ ପିୟୁପିଏସ୍ ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା, ପୁରୁଣା ଚିମିଟାପାଲି ପିୟୁପିଏସ୍ ପ୍ରଧାନ ଶିକ୍ଷକ ଟୁଟୁ ପଡିଆମି, ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଭାଗୀରଥି ସାହୁଙ୍କୁ ଏବିଓ ମାଡା ମାଡକାମୀ,ସିଆର୍‌ସିସି ସତ୍ୟନାରାୟଣ ଦେ,ସିଆର୍‌ସିସି ଅରବିନ୍ଦ ପ୍ରସାଦ ଜେନା,ସିଆରସିସି ମାନରଞ୍ଜନ ବେହେରାଙ୍କ ସମେତ ଅନ୍ୟ ୨୪ ଜଣ ସିଆରସିସି ଓ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ ପ୍ରଶଂସାପତ୍ର ସହିତ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


ପୁରସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବଜରଙ୍ଗ ବାଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋରୁକୋଣ୍ଡା, ୧୪।୨ (ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଖେଳପଡିଆରେ ବୁଧବାର ଜୟ ବଜରଙ୍ଗ ବାଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଦୁଇଟି ଗ୍ରୁପ୍‌ରେ ଖେଳ ହେଉଛି। ଗୋଟିଏ ଗ୍ରୁପ୍‌ରେ ୮ଟି ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଦୁଇଟି ଗ୍ରୁପରେ ମୋଟ ୧୬ ଟିମ୍ ଭାଗ ନେଇଛନ୍ତି। ୨୮ତାରିଖ ଦିନ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବାକୁ କମିଟି ପକ୍ଷରୁ ନଷ୍ପତ୍ତି ନିଆଯାଇଛି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ - ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମ୍ୟାନେଜର ପପୁ ସିଂ, ସମ୍ମାନନୀୟ ଅତିଥିଭାବେ ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ବାବୁଲା ସାହୁ ଏବଂ ବଂଶୀଧର ମୁଦୁଲି ରହିଥିବା ବେଳେ ଜୟ ବଜରଙ୍ଗ ବାଲି କ୍ରିକେଟ ଟୁର୍ନାମେଣ୍ଟ ସଭାପତି ସୁଦର୍ଶନ ସାବତ ଓ ନିର୍ଦ୍ଦେଶକ ଅଶୋକ ପାରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରୁ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା

ରାୟଗଡ଼ା, ୧୪।୨ (ଆଶିଷ ରଞ୍ଜନ ପଣ୍ଡା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ୨୦୨୪ ବର୍ଷର ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଅଧୀନ ୮ ଜିଲାରେ ୪୫ ପରୀକ୍ଷା ପରିଚାଳନା ହେବ ଓ ୨୦୫ ପରୀକ୍ଷା କେନ୍ଦ୍ର କରାଯାଇଛି। ଚଳିତ ବର୍ଷ ୨୦୫ କେନ୍ଦ୍ରରେ ୭୯,୫୫୮ପରୀକ୍ଷାର୍ଥୀ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକରେ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିଛନ୍ତି। ଗତ ୧୦ ତାରିଖରୁ ୧୩ ତାରିଖ ମଧ୍ୟରେ ୮ ଜିଲାର ୪୫ ପରୀକ୍ଷା ପରିଚାଳନା ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚାଇ ଦିଆଯାଇଛି। ସ୍ୱଚ୍ଛ, ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି।

କୋରାପୁଟ ଜିଲାରେ ୬ଟି ପରୀକ୍ଷା ପରିଚାଳନା ହବ୍ କରାଯାଇଥିବା ବେଳେ ୨୮ ପରୀକ୍ଷା କେନ୍ଦ୍ରରେ ୧୦,୬୩୨ ଛାତ୍ରୀଛାତ୍ର ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକରେ ପରୀକ୍ଷା ଦେବେ। କଳାରେ ୫୬୭୨ ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୫୧୮୧ ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୭୯୧ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୩୨୧୦ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୩୦୦୨ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୪୯୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବାଣିଜ୍ୟରେ ୯୨୭ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୮୦୨ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି। ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୧୫୮ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୧୯୪ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୬୧ ପରୀକ୍ଷାର୍ଥୀ ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୪୦ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି।

ମାଲକାନଗିରି ଜିଲାରେ ୩ ପରୀକ୍ଷା ପରିଚାଳନା ହବ୍ ଓ ୧୪ ପରୀକ୍ଷା କେନ୍ଦ୍ର ସ୍ଥାପିତ ହୋଇଛି। ଏହି ଜିଲାରେ ଚଳିତ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟରେ ୪,୮୪୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ୩,୧୬୦ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୨୬୨୪ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ରୂପେ ୪୩୮ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୧୩୮୪ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୨୪୭ ରେଗୁଲାର ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୧୫୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବାଣିଜ୍ୟରେ ୪୩୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୩୪୨ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୩୮ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି।

ନବରଙ୍ଗପୁର ଜିଲାରେ ୩ ପରୀକ୍ଷା ପରିଚାଳନା ହବ୍ ଓ ୨୦ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ଏହି ଜିଲାରେ ଚଳିତ ବର୍ଷ ୭୨୦୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ୪୫୫୬ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୪୦୬୭ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୫୩୯ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୨୦୭୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୯୧୮ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୨୫୩ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବାଣିଜ୍ୟରେ ୪୭୫ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୩୮୩ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୫୧ ଜଣ ଫର୍ମ ପୂରଣ କରିଛନ୍ତି।

ରାୟଗଡ଼ା ଜିଲାରେ ୫ ପରୀକ୍ଷା ପରିଚାଳନା ହବ୍ ଓ ୨୦ ପରୀକ୍ଷା କେନ୍ଦ୍ର କରାଯାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ୭୩୬୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କଳାରେ ୪୧୩୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୩ ୭୦୫ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୩୫୨ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବିଜ୍ଞାନରେ ୨୨୪୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୨୧୪୮ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୨୮୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ବାଣିଜ୍ୟରେ ୬୮୨ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୬୨୭ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୧୧୫ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ଧନ୍ଦାମୂଳକ ଶିକ୍ଷା ନିମନ୍ତେ ୧୨୪ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୧୧ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଭାବେ ୨୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି।

